## ସଂକ୍ଷେପରେ

### ଗାଁରେ ୨ ଦାଦନ ଶ୍ରମିକଙ୍କ ଶେଷକୃତ୍ୟ

ଗୋପାଳପୁର,୧୦।୫(ନବୀନ ରାଜ ଆଚାରୀ): ହାଇଦ୍ରାବାଦକୁ ଶ୍ରମିକ କାମ କରିବାକୁ ଯାଇ ହତ୍ୟାର ଶିକାର ହୋଇଥିବା ଦୁଇ ଯୁବକଙ୍କ ମୃତଦେହ ଗୁରୁବାର ଗାଁକୁ ଆସିବା ପରେ ଅନ୍ତିମ ସତ୍କାର କରାଯାଇଛି। ମୃତକଦ୍ୱୟ ହେଲେ ଗୋପାଳପୁର ନୂଆ ସାହି ବାସିନ୍ଦା କୃଷ୍ଣ ଚନ୍ଦ୍ର ପଣ୍ଡା (୩୮) ଓ ରଣ୍ଡା ହରିଜନ ସାହିର ମିଟୁ ଦାସ(୪୦)। ରଣ୍ଡା ସରପଞ୍ଚ ଅଜିତ ରାଉଳଙ୍କ ସହାୟତାରେ ମୃତଦେହ ନିଜ ନିଜ ଗ୍ରାମରେ ପହଞ୍ଚି ପାରିଥିଲା। କୃଷ୍ଣ ଗତ ଜାନୁଆରୀରେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ । ମାର୍ଚ୍ଚରେ କୌଣସି କାମରେ ଗୋପାଳପୁର ଆସି ପୁଣି ଏପ୍ରିଲରେ ଯାଇଥିଲେ । ଗତ ମଙ୍ଗଳବାର ରାତିରେ ସେ ପରିବାର ଲୋକଙ୍କ ସହ ୧୦ ତାରିଖରେ ଆସିବି ବୋଲି କହୁଥିବା ବେଳେ କେହି ତାଙ୍କ ହାତରୁ ମୋବାଇଲ ଛଡ଼ାଇଥିଲେ। ପରେ ତାଙ୍କ ସହ ଯୋଗଯୋଗ ସମ୍ଭବ ହୋଇ ନ ଥିଲା। ବୁଧୁବାର ସକାଳେ କୃଷ୍ଣଙ୍କ ମୃତଦେହ ହାଇଦ୍ରାବାଦ ପୋଲିସ ପାଇବା ପରେ ଗୋପାଳପୁର ପୋଲିସକୁ ଖବର ଦେଇଥିଲା । ସେହିପରି କୃଷ୍ଣଙ୍କ ସାଙ୍ଗ ମିଟୁଙ୍କର ମଧ୍ୟ ସେହି ଏକା ସ୍ଥାନରୁ ପୋଲିସ ମୃତଦେହ ଜବତ କରି ପରିବାର ବର୍ଗଙ୍କୁ ଜଣାଇଥିଲା। ମୃତଦେହ ଆଣିବା ପାଇଁ ଉଭୟ ପରିବାର ସକ୍ଷମ ନଥିବା ବେଳେ ରଣ୍ଡା ସରପଞ୍ଚ ଅଜିତ ରାଉଳଙ୍କ ସହ ଯୋଗାଯୋଗ କରିଥିଲେ। ସେ ଆମ୍ବୁଲାନ୍ସ ଯୋଗେ ୨ ମରଶରୀରକୁ ଗାଁକୁ ଆଣିଥିଲେ।

### ଅଖିମୁଠି ଅନୁକୂଳ କଲେ ଚାଷୀ

ଧରାକୋଟ,୧୦।୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ପବିତ୍ର ଅକ୍ଷୟ ତୃତୀୟାରେ ରୀତିନୀତି ଅନୁସାରେ ହଳ ଲଙ୍ଗଳ ଏବଂ ଧାନ ବିହନ ନେଇ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ବ୍ଲକ କୃଷି ବିଭାଗ ପକ୍ଷରୁ କିମ୍ବା ଆତ୍ମା ଦ୍ୱାରା ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ କରାଯାଇନାହିଁ। ଚାଷୀ କିନ୍ତୁ ବସୁମାତା ପୂଜା କରି ହଳ ଲଙ୍ଗଳ ଧାନ ବିହନ ନେଇ ବିଲକୁ ଯାଇଛି। ଚାଷ ଜମିରେ ପୂଜା ପରେ ଧାନ ବୁଣାଯାଇଛି।

### ଗୁଣ୍ଡପଡା, କମାଗଡ଼ ପଞ୍ଚାୟତରେ ବିଜେଡିର ପ୍ରଚାର

ଆସିକା,୧୦।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିର ଆସିକା ବ୍ଲକ ଅନ୍ତର୍ଗତ ଗୁଣ୍ଡପଡା ଓ କମାଗଡ଼ ପଞ୍ଚାୟତରେ ବିଜେଡିର ବିଧାନସଭା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ଶୁକ୍ରବାର ଭୋଟ ଭିକ୍ଷା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଗୁଣ୍ଡପଡା ପଞ୍ଚାୟତର ରାଇପଲ୍ଲୀ, ଗୁଣ୍ଡପଡ଼ା, ଖଣ୍ଡବନ୍ଧ, ଗୋଳାବନ୍ଧ, ସୁମନ୍ତପଲ୍ଲୀ ଏବଂ କମାଗଡ଼ ପଞ୍ଚାୟତର ଅସୁରାଇପଲ୍ଲୀ ଓ କମାଗଡ଼ ଗ୍ରାମରେ ପରିକ୍ରମା କରାଯାଇଥିଲା। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ ପଦରେ ବସାଇ ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ଲାଗି ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ଓ ଏମ୍.ପି. ପ୍ରାର୍ଥିନୀ ରିତା ସାହୁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବା ଲାଗି ନିବେଦନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ଯୁବନେତା ଶିବ ନାହାକ, ଜିଲାପରିଷଦ ସଦସ୍ୟ ମନୋଜ ଦୋରା, ତନ୍ମୟୀ ନାହାକ, ଦିଲ୍ଲୀପ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ସାମିଲ ଥିଲେ।

### କଂଗ୍ରେସ ପ୍ରାର୍ଥୀ ବିଜୟଙ୍କ ପ୍ରଚାର

ପାରଳାଖେମୁଣ୍ଡି,୧୦।୫ (ଗିରିଧାରୀ ପରିଚ୍ଛା): ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ସମସ୍ତ ବିଧାୟକ ପ୍ରାର୍ଥୀ ନିଜ ନିଜ ପ୍ରଚାରରେ ଲାଗିପଡିଛନ୍ତ। ପାରଳାଖେମୁଣ୍ଡି ସହରର ୧,୩,୧୦,୧୧ ନଂ ୱାର୍ଡ ବୁଲି ଭୋଟ୍ ଭିକ୍ଷା କରିଛନ୍ତି । ଭୋଟରଙ୍କୁ ମନେଇବା ପାଇଁ ଆନେକ ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି। କଂଗ୍ରେସ ପ୍ରାର୍ଥୀ ବିଜୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ, ଅନ୍ୟ ଦଳ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଭୋଟରଙ୍କୁ ମନେଇବାକୁ ଚେଷ୍ଟା କରୁଛନ୍ତି । ଶାସକ ଦଳ ଉପରେ ଲୋକଙ୍କ ବିଶ୍ୱାସ ତୁଟିଯାଇଛି । ତେଣୁ ଦଳ ଅର୍ଥବଳର ସାହାଯ୍ୟ ନେଉଥିବା ବିଜୟ ରାଜ୍ୟ ସରକାରଙ୍କୁ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

# ବିକାଶ ବନାମ ପରିବର୍ତ୍ତନ ମଧ୍ୟରେ ଲଢ଼େଇ


ଏକ ପଥପ୍ରାନ୍ତ ସଭାରେ ଅର୍ଥମନ୍ତ୍ରୀ ।


ଭାଜପା ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ପ୍ରଚାର ଚଳାଇଛନ୍ତି ।

ଭଞ୍ଜନଗର,୧୦।୫(ବାବୁଲା ପ୍ରଧାନ)

ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡ଼ି, ଭାଜପା, ଏପିପି ଏବଂ କଂଗ୍ରେସ ପ୍ରାର୍ଥୀ ପ୍ରଚାରକୁ ଜୋରଦାର କରିଛନ୍ତି। ବିଜେଡି ପ୍ରାର୍ଥୀ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିକାଶ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ଲୋକ ପ୍ରିୟତାକୁ ଆଧାର କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ପ୍ରଚାରକୁ ଜୋରଦାର କରି ଦେଇଛନ୍ତି । ବିକ୍ରମ ଗୁରୁବାର ଦଦରାଲୁଣ୍ଡା, ବ୍ରାହ୍ମଣପଦର, ଗାଲେରି, ଦୋମୁହାଣୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରଚାର କରିବା ସହ ପଥପ୍ରାନ୍ତ ସଭାରେ ନିଜ ପାଇଁ ଏବଂ ବିଜେଡ଼ି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସଭାଗୁଡ଼ିକୁ ଶୁଳପାଣି ଶତପଥୀ ସଂଯୋଜନା କରିଥିଲେ । ବିକ୍ରମ ୭ଥର ପାଇଁ ଭଞ୍ଜନଗର ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ରାଜ୍ୟରେ ଏକ ନୂଆ ରେକର୍ଡ଼ ରାଜ୍ୟରେ ସୃଷ୍ଟି କରିବା ଲକ୍ଷ୍ୟରେ ଅଛନ୍ତି । ସେହିଭଳି ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ଓ ଏମ୍‌ପି ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ଭଞ୍ଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ପରିକ୍ରମା କରି ପରିବର୍ତ୍ତନ ନାରା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ଭୋଟ ଭିକ୍ଷା କରୁଛନ୍ତି। ଭାଜପା ନେତା ଅଯୋଧ୍ୟାନାଥ ମହାପାତ୍ର, ମାନସ ଜେନା, ସନ୍ତୋଷ ତିଆଡ଼ି, ନୀଳମାଧବ ପାତ୍ର ପ୍ରମୁଖ ଉପସ୍ଥିତ ରହୁଛନ୍ତି । ସେହିଭଳି ଆପ୍ ପ୍ରାର୍ଥୀ କବିରାଜ ବେହେରା, କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ବିଷୋୟୀ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କୁ ନେଇ ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟ ଚଳାଇଛନ୍ତି ।

# ଭଗବାନ ଭେଙ୍କେଟେଶ୍ୱର ଓ ପଦ୍ମାବତୀଙ୍କ ବିବାହ ଉତ୍ସବ



ଭେଙ୍କେଟେଶ୍ୱର ଓ ପଦ୍ମାବତୀଙ୍କ ବିବାହ ଉତ୍ସବ।

ଛତ୍ରପୁର,୧୦।୫(ସନ୍ତୋଷ ପାଢୀ)

ଛତ୍ରପୁର ବାଲାଜୀ କଲଚରାଲ ସୋସାଇଟି ପକ୍ଷରୁ ଶୁକ୍ରବାର ଭଗବାନ ଭେଙ୍କେଟେଶ୍ୱର ଓ ପଦ୍ମାବତୀଙ୍କ ବିବାହ ଉତ୍ସବ ପାଳନ କରାଯାଇଛି ୧୭ତମ ଏହି ଉତ୍ସବ ଲାଗି ସକାଳୁ ସ୍ଥାନୀୟ ତାଡେପଲ୍ଲୀ ଜଗନ୍ନାଥ ମନ୍ଦିରରେ ଅଭିଷେକ ଓ ପୂଜାନୀତି ହୋଇଥିଲା । ପରେ ସେଠାରୁ ବିଗ୍ରହଙ୍କୁ ରଥାରୁଢ କରି ନଗର ପରିକ୍ରମା କରି ମା ରାମାୟଣାମ୍ମା ସୌଭାଗ୍ୟ କଲ୍ୟାଣ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଭେଙ୍କେଟେଶ୍ୱର ଓ ପଦ୍ମାବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ବର ପକ୍ଷରୁ ସପତ୍ନୀକ ସୁଧୀର ପଟ୍ଟନାୟକି, ଲିଙ୍ଗରାଜ ରେଡ୍ଡୀ ଓ ସୋମେଶ୍ୱର ରେଡ୍ଡୀ କର୍ତ୍ତା ଏବଂ କନ୍ୟା ପକ୍ଷରୁ ସପତ୍ନୀକ ବି.ଶ୍ରୀନିବାସ, ଆର୍ ଶ୍ରୀନିବାସ ରାଓ ଓ ଏସ୍ ଶ୍ରୀନିବାସ ରାଓ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପୁରୋହିତ ଆର୍, ଧର୍ମରାଜୁ ଆଚାରିଲୁ ବୈଦିକ ରୀତିନୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଆଇ. ମନମଦ ରାଓ ପାରମ୍ପରିକ ବାଦ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ବିଗ୍ରହମାନଙ୍କୁ ରଥରେ ନଗର ପରିକ୍ରମା କରି ତାଡେପଲ୍ଲୀ ଜଗନ୍ନାଥ ମନ୍ଦିରକୁ ଅଣାଯାଇଥିଲା । ଆସନ୍ତା ୧୮ ତାରିଖରେ ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଂରୁମ୍ ତଥା ଟାଉନ ହଲଠାରେ ଆନ୍ଧ୍ରର ବନ୍ଦାରୁ ରମଣ ମୂର୍ତ୍ତି ଓ ଟ୍ରୁପ୍ ପକ୍ଷରୁ ଭଜନ ଓ ସଙ୍କୀର୍ତନ ପରିବେଷଣ ହେବ ବୋଲି ଆବାହକ ବି.ଶ୍ରୀନିବାସ ସୂଚନା ଦେଇଛନ୍ତି।

# କଂଗ୍ରେସରେ ମିଶିଲେ ପୂର୍ବତନ ବିଧାୟକ ହରିହର



କଂଗ୍ରେସ କାର୍ଯ୍ୟାଳୟରେ ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ସହ ବରିଷ୍ଠ ନେତା।

ହିଞ୍ଜିଳିକାଟୁ,୧୦।୫ (ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁରେ କଂଗ୍ରେସ ପକ୍ଷରୁ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଜିଲା ସଭାପତି ରବୀନ୍ଦ୍ର ଶର୍ମା ଏହାକୁ ଉଦଘାଟନ କରିଥିଲେ। ହିଞ୍ଜିଳି ବିଧାନସଭା ପ୍ରାର୍ଥୀ ରଜନୀକାନ୍ତ ପାଢୀ, ଆସିକା ଲୋକ ସଭା ପ୍ରାର୍ଥୀ ଦେବକାନ୍ତ ଶର୍ମା ଓ ସ୍ଥାନୀୟ ଅଞ୍ଚଳର କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ହରିହର ସାହୁ ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି। ସେ ୧୯୯୦ରେ ହିଞ୍ଜିଳିରେ ଜନତା ଦଳରୁ ବିଧାୟକ ନିର୍ବାଚିତ ହୋଇଥିଲେ। ଗତ ସାଧାରଣ ନିର୍ବାଚନ ସମୟରେ ବିଜେଡ଼ିରେ ମିଶିଥିବା ପୂର୍ବତନ ବିଧାୟକ ସାହୁ ଓ ଜିଲାର ଅନ୍ୟ କେତେଜଣ ପୂର୍ବତନ ବିଧାୟକ ସେମାନଙ୍କୁ ବିଜେଡ଼ିରେ ସଙ୍ଗଠନ ସଜାଡିବାକୁ ସୁଯୋଗ ଦିଆଯାଉ ବୋଲି ଦାବି କରି ଦଳର ସୁପ୍ରିମୋ ଓ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଜଣାଇଥିଲେ। ବ୍ରହ୍ମପୁର ଠାରେ ସେମାନେ ଖବରଦାତା ସମ୍ମିଳନୀ କରିଥିଲେ।

# ଭାଜପା ଗୋପାଳପୁର ବିଧାୟକ ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର

ଗୋପାଳପୁର,୧୦।୫(ନବୀନ ରାଜ ଆଚାରୀ)

ଗୋପାଳପୁରରେ ଭାଜପା ପକ୍ଷରୁ ପ୍ରଚାର ଜୋରଦାର ହୋଇଛି। ଏହି ନିର୍ବାଚନରେ କେଉଁ ଦଳ ବାଜି ମାରିବ ସେ ନେଇ ରାଜ୍ୟ ସାରା ନଜର ରହିଛି। ଗତ ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚାର କରି ବିଜେଡି ସରକାର ଉପରେ ବର୍ଷିଥିଲେ। ଫଳରେ କର୍ମୀ ମହଲରେ ଜୋସ ଦୁଇ ଗୁଣ କରିଦେଇଛି। ଗତ ୧୫ ବର୍ଷ ହେଲା ଉକ୍ତ ନିର୍ବାଚନ ମଣ୍ଡଳୀ ବିଜେଡି ଦଖଲରେ ଥିବା ବେଳେ ଭାଜପା ଧସେଇ ପଶିବା ପାଇଁ ଉଦ୍ୟମ କରିଛି। ଶୁକ୍ରବାର ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ଜେନା ନିଜ ସମର୍ଥକମାନଙ୍କୁ ଧରି କନିସି, ରଙ୍ଗିପୁର, କୋଲଥିଗାଁ, ପଦ୍ମପୁର, କେଲୁଆପୁଲୀ, ଇନ୍ଦ୍ରାକ୍ଷୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରଚାର କରିଥିଲେ। ଏହି ସମୟରେ ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ ଅଞ୍ଚଳବାସୀ। ଆସନ୍ତା ୧୩ ତାରିଖରେ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀ ନିମନ୍ତେ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେବାପାଇଁ ବିଧାୟକ ପ୍ରାର୍ଥୀ ଜେନା ନିବେଦନ କରିଥିଲେ। ଏହି ଅବସରରେ ବାଲ୍ୟ ରାମ ଦଳେଇ, ସୁନୀଲ ପାତ୍ର, ଅଶ୍ୱିନୀ ପାତ୍ର, ଗୋପୀନାଥ ମହାରଣା, ସୁଧାଂଶୁ ପଣ୍ଡା, ମନୋଜ ଦଳେଇ, ରଜତ ପଣ୍ଡିତ, ଗଙ୍ଗା ଶତପଥୀ, ବ୍ରଜମୋହନ ଦଳେଇ, ସୁଶିଲ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭାଜପାର ନିର୍ବାଚନ ପ୍ରଚାରରେ ବଲିଉଡ ତାରକା


ଭାଜପା ପ୍ରାର୍ଥୀ ଶୋଭାଯାତ୍ରାରେ ଯାଇ ପ୍ରଚାର କରୁଛନ୍ତି।

ରମ୍ଭା,୧୦।୫(ବନବାସୀ ସେଠୀ)

ସାଧାରଣ ନିର୍ବାଚନ ପ୍ରଚାର ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ନାୟକ, ବଲିଉଡ ତାରକା ସ୍ନିଗ୍ଧା ରାଣୀ ସିଂହଙ୍କ ସହ ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମିଞ୍ଜିନି ପାଟଣା ବାବା ଆଖଣ୍ଡଳମଣି ମନ୍ଦିରଠାରୁ ମୃତ୍ୟୁଞ୍ଜୟ ମନ୍ଦିର ଯାଏ ଏକ ଜୋରଦାର ପ୍ରଚାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ କାଳିଆ ତରେଇ, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ସୀମାଞ୍ଚଳ ବାଡତ୍ୟା, ମୁନା ସ୍ୱାଇଁ, କେଦାର ବାରିକ, ଯୁବ ସଭାପତି ପ୍ରଶାନ୍ତ ଗୌଡ଼, ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ପ୍ରତିନିଧି କେ. ଚନ୍ଦ୍ରଶେଖର ରେଡ୍ଡୀ, କାଉନସିଲର ଅଭିନାଥ ବେହେରା, ସରୋଜିନୀ ସେନାପତି, ଡଲି ବେହେରା, ଜୟନ୍ତୀ ଗୌଡ଼, କୁମାରୀ ଜାନି, ବନ୍ଦନା ଗୌଡ଼, ମଞ୍ଜୁଳା ସେଠୀ, ସୁବାସ ଚନ୍ଦ୍ର ବେହେରା, ଭଗବାନ ଗୌଡ଼, ଦିଲ୍ଲୀପ ତରେଇ, ଦିବାକର ତରେଇ, ସୁଦର୍ଶନ ସେନାପତି, ମନୋଜ ଗୌଡ଼, ନାଗେଶ୍ୱର ବେହେରା, ବୁଟୁ ଗୌଡ଼, ରବୀନ୍ଦ୍ର ସ୍ୱାଇଁ, କାଳିଆ ମଙ୍ଗଳା, ବୁଲୁ ସେଠୀ, କାମେଶ୍ୱର ବେହେରା, ମଦନ ସ୍ୱାଇଁ, ପିଙ୍କୁ ଗୌଡ଼, ମାଧବ ଗୌଡ଼, ବୁଟୁ ବିଶ୍ୱାଳ, କାଳିଆ ପ୍ରଧାନ, ରଞ୍ଜନ ପ୍ରଧାନଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଏମ୍‌ପି ପ୍ରାର୍ଥୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରାଯାଇଥିଲା।

# ଭୋଟ ଦେବାକୁ ପ୍ରବାସୀ ଓଡିଆଙ୍କୁ ଭିସିରେ ସଚେତନତା

ଛତ୍ରପୁର,୧୦।୫(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଆସନ୍ତା ୧୩ ଓ ୨୦ ତାରିଖରେ ଦୁଇଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ଜିଲାର ବହୁ ଓଡିଆ ବାହାର ରାଜ୍ୟରେ ରହୁଛନ୍ତି। ସେମାନଙ୍କ ନାଁ ଏଠାର ଭୋଟର ତାଲିକାରେ ରହିଛି । ପ୍ରବାସୀ ଓଡ଼ିଆମାନେ କିଭଳି ଏଠାକୁ ଆସି ସେମାନଙ୍କ ମତଦାନ କେନ୍ଦ୍ରରେ ଭୋଟ ଦେବେ ସେ ଉପରେ ଗଞ୍ଜାମ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ଭୋଟ ଦେବା ନିମନ୍ତେ ଜିଲାର ପ୍ରବାସୀ ଓଡିଆମାନଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁରୋଧ କରାଯାଉଛି । ଗଣତନ୍ତ୍ରର ମହାପର୍ବରେ ସାମିଲ ହୁଅନ୍ତୁ ଏବଂ ଭୋଟ ଦେଇ ନିଜ ମତ ସାବ୍ୟସ୍ତ କରିବାକୁ ଅନୁରୋଧ କରାଯାଉଛି । ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ବିଭିନ୍ନ ଉପଖଣ୍ଡର ଅଧିକାରୀମାନେ ଭିଡିଓ କଲ ମାଧ୍ୟମରେ ପ୍ରବାସୀ ଓଡିଆଙ୍କ ନିକଟରେ ପହଞ୍ଚି ନିର୍ବାଚନରେ ସେମାନଙ୍କ ମହତ୍ୱପୂର୍ଣ୍ଣ ଭୋଟ ସାମିଲ କରିବାକୁ ଅନୁରୋଧ କରୁଛନ୍ତି। ୧୩ ତାରିଖରେ ବ୍ରହ୍ମପୁର ଲୋକ ସଭା ଏବଂ ଏହା ଅଧୀନ ଜିଲାର ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ସେହିପରି ୨୦ ତାରିଖରେ ଆସିକା ଲୋକ ସଭା ଆସନ ଏବଂ ଏହା ଅଧୀନ ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡା, ସାନଖେମୁଣ୍ଡି ଓ ହିଞ୍ଜିଳି ବିଧାନସଭା ଆସନ ଏବଂ ଭଞ୍ଜନଗର ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହେବ । ୧୩ ତାରିଖ ହେବାକୁ ଥିବା ନିର୍ବାଚନ ଡ୍ୟୁଟିରେ ଥିବା କର୍ମଚାରୀ ଓ ଅଧିକାରୀ ମାନେ ପୋଷ୍ଟାଲ ବାଲାଟ୍ ବୁଥ୍ ଏବଂ ହୋମ୍ ଭୋଟିଂ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିଥିବା ସୂଚନା ଦିଆଯାଇଛି ।

# ବିଧାୟିକା ପ୍ରାର୍ଥିନୀଙ୍କ ଅଖିମୁଠି ବପନ କାର୍ଯ୍ୟକ୍ରମର ଶୁଭାରମ୍ଭ



କବିସୂର୍ଯ୍ୟନଗର,୧୦।୫ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନ୍‌ଏସି ବିଜେଡି ପକ୍ଷରୁ କୃଷକମାନଙ୍କୁ ନେଇ ନୂତନ କନ୍ଧ ଖରିଡା ରାସ୍ତା ପାର୍ଶ୍ୱରେ ଥିବା ଜମିରେ ଅଖିମୁଠି ବପନ କାର୍ଯ୍ୟକ୍ରମ ଶୁଭାରମ୍ଭ ସ୍ଥାନୀୟ ବିଧାୟିକା ପ୍ରାର୍ଥିନୀ ଲତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଧାୟିକା ଠାକୁରଙ୍କ ପାଖେ ପୂଜାର୍ଚ୍ଚନା କରି ଜମିରେ ଲଙ୍ଗଳ ଚାଷ କରି ଅନୁକୂଳ ମୁଠି ବପନ କରିଥିଲେ। ଅଖିମୁଠି ବପନ ସମୟରେ ଚଷା ପୁଅଙ୍କ ତୁଣ୍ଡରୁ ଯେଉଁ ହଳିଆ ଗୀତ ପଦକ ବାହାରୁ ଥିଲା ତାହାଶୁଣି ଉପସ୍ଥିତ ଭଦ୍ର ବ୍ୟକ୍ତି ଓ ଆଗନ୍ତୁକଙ୍କ ସହିତ ବଳଦ ମଧ୍ୟ ମନ୍ତ୍ର ମୁଗ୍ଧ ହୋଇ ଯାଇଥିଲେ। ଆଜିର ଏହି ଅଖିମୁଠି ବପନ କାର୍ଯ୍ୟରେ ବିଧାୟିକାଙ୍କ ବ୍ୟତୀତ ଏନ୍‌ଏସି ନଗର ସଭାପତି ଭଗବାନ ସ୍ୱାଇଁ, ବିକ୍ରାନ୍ତ କୁମାର ସାହୁ, ରାଜେନ୍ଦ୍ର ଖଟେଇ, ବ୍ରଜ ସୁନ୍ଦର ମଳିକ, ରସଲ ଦାସ, ଅଶୋକ ଦଳାଇ, ସୁବାସ ଚନ୍ଦ୍ର ଜେନା, ଏସ୍. ଲକ୍ଷ୍ମୀ ସେଠି, ସୂର୍ଯ୍ୟନାରାୟଣ ନାୟକ, ମୁକେଶ ଦାସ, ସୁରେନ୍ଦ୍ର ସ୍ୱାଇଁ, ହୀନ ସ୍ୱାଇଁ, ଯଜ୍ଞ ପରିଡ଼ାଙ୍କ ସହିତ ୨୦୦ଶହରୁ ଉର୍ଦ୍ଧ୍ୱ ଚାଷୀ ଓ ରୟତମାନେ ଯୋଗ ଦେଇଥିଲେ।

# କଂଗ୍ରେସ ନିର୍ବାଚନ କାର୍ଯ୍ୟାଳୟ ପୋଷ୍ଟର ଚିରିଦେଲେ ଦୁର୍ବୃତ୍ତ

ଦିଗପହଣ୍ଡି,୧୦।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ନିକଟରେ କଂଗ୍ରେସ ନିର୍ବାଚନ କାର୍ଯ୍ୟାଳୟର ପୋଷ୍ଟର ବ୍ୟାନରକୁ କେହି ଅଜଣା ଦୁର୍ବୃତ୍ତ ଗୁରୁବାର ବିଳମ୍ବିତ ରାତିରେ ଚିରି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ସାକା.ସୁଜିତ କୁମାର ଶୁକ୍ରବାର ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଗୁରୁବାର କଂଗ୍ରେସ ପ୍ରାର୍ଥୀ ଏବଂ ବହୁସଂଖ୍ୟକ ଦଳୀୟ କର୍ମୀଙ୍କ ଉପସ୍ଥିତିରେ ବ୍ଲକ ନିର୍ବାଚନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରାଯାଇଥିଲା। କୌଣସି ଦୁର୍ବୃତ୍ତ ପୂର୍ବ ଯୋଜନା ପ୍ରକାରେ କାର୍ଯ୍ୟାଳୟ ସମ୍ମୁଖରେ ଲଗାଯାଇଥିବା ପୋଷ୍ଟର ଓ ହୋର୍ଡିଂ ଗୁଡ଼ିକୁ ଚିରି ନଷ୍ଟ କରିଦେଇଛନ୍ତି। ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି।

# ଭାଜପାର ହାତୀଓଟ ମଣ୍ଡଳ ସ୍ତରୀୟ ସାଙ୍ଗଠନିକ ନିର୍ବାଚନୀ ବୈଠକ

ପୋଲସରା,୧୦।୫(ସୁବ୍ରତ ବେହେରା)


ବୈଠକରେ ଉପସ୍ଥିତ ନେତା ଓ କର୍ମୀ।

ଭାଜପା ପକ୍ଷରୁ ଭୋଟ ଭିକ୍ଷା ଅଭିଯାନ ସହିତ ମଣ୍ଡଳ ସ୍ତରୀୟ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୋଲସରା ବ୍ଲକ ଅନ୍ତର୍ଗତ ରୁମାଗଡ ମେରୁ ତୋଟାଠାରେ ମଣ୍ଡଳ ସ୍ତରୀୟ ଭଜପାର ସାଙ୍ଗଠନିକ ନିର୍ବାଚନୀ ବୈଠକ ମଣ୍ଡଳ ସଭାପତି ଦୀପକ ପୋଲାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଘୁମୁସର ଜିଲା ସଭାପତି ତଥା ଭାଜପା ପୋଲସରା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ, ଆସ୍କା ସାଂସଦ ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା, ଉପସଭାପତି ପ୍ରଭାକର ପଣ୍ଡା, ଯୁବ ମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ବିଷୋୟୀ, ସମିତି ସଭ୍ୟା ଲକ୍ଷ୍ମୀବାଇ ପଣ୍ଡା, ଆରତୀ ଦେବୀ, ପ୍ରତିମା ସାହୁ, ରିନା ରାଣୀ ଦେବୀ, ସମାଜସେବୀ ମୃତ୍ୟୁଞ୍ଜୟ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ବିଷୋୟୀ, ବିଦେଶୀ ସାମଲ, ପୂର୍ଣ୍ଣଚନ୍ଦ୍ର ଖଟୁଆ, ପୃଥ୍ୱୀରାଜ ଭଞ୍ଜଦେଓ, ସତ୍ୟନାରାୟଣ ସାହୁ, ରଘୁନାଥ ପଣ୍ଡା ଅତିଥି ଭାବେ ଯୋଗ ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ ସଭାକୁ ଆଇନଜୀବୀ ସୁଶାନ୍ତ କୁମାର ମଲିକ ପରିଚାଳନା କରିଥିଲେ। ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁଙ୍କ କାର୍ଯ୍ୟକଳାପକୁ ନେଇ ତୀବ୍ର ବିରୋଧ କରିଥିଲେ ଏବଂ ଏମ୍‌ପି ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ବଡ଼ ପଙ୍କଲବାଡି ଓ କୋକରଣ୍ଡା ଗ୍ରାମର ଶତାଧିକ ଯୁବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶୁକ୍ରବାର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଏହି ଅବସରରେ ମନ୍ଦାର ଓ ରୁମାଗଡ ପଞ୍ଚାୟତରେ ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ, ଏମ୍‌ପି ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଓ କର୍ମୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ।

# ଦିଗପହଣ୍ଡି, ଚିକିଟି ନିର୍ବାଚନ ମଣ୍ଡଳୀକୁ ପୋଲିଂ ଅଧିକାରୀ ଯିବେ ଆଜି

ଛତ୍ରପୁର,୧୦।୫(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୩ ତାରିଖରେ ହେବ । ପ୍ରଥମ ପର୍ଯ୍ୟାୟର ୭୪୬୯ ପୋଲିଂ ଅଧିକାରୀ ମାନଙ୍କର ପ୍ରଶିକ୍ଷଣ ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ନିୟୋଜିତ ହୋଇଥିବା ପୋଲିଂ ଅଧିକାରୀମାନେ ଡିସପୋଜାଲ ସେଣ୍ଟରଠାରୁ ସମସ୍ତ ନିର୍ବାଚନ ସାମଗ୍ରୀ ଗ୍ରହଣ କରି ନିଜ ନିଜ ବୁଥକୁ ଯିବେ। ଦିଗପହଣ୍ଡି ଏବଂ ଚିକିଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ନିୟୋଜିତ ଥିବା ପୋଲିଂ ଅଧିକାରୀମାନେ ଶନିବାର ସକାଳ ୭ଟାରେ ନିର୍ଦ୍ଧାରିତ ଡିସପୋଜାଲ ସେଣ୍ଟରରୁ ନିର୍ବାଚନ ସାମଗ୍ରୀ ସଂଗ୍ରହ କରି ବୁଥ୍‌କୁ ଗସ୍ତ କରିବେ। ସେହିପରି ଛତ୍ରପୁର, ଗୋପାଳପୁର ଏବଂ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ପୋଲିଂ ଅଧିକାରୀମାନେ ରବିବାର ସକାଳ ୫ଟାରେ ନିଜ ନିଜ ଡିସପୋଜାଲ ସେଣ୍ଟର ଗୁଡିକରେ ଉପସ୍ଥିତ ରହି ସାମଗ୍ରୀ ସଂଗ୍ରହ କରି ବୁଥ୍‌କୁ ଯିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତ। ଡିସପୋଜାଲ ସେଣ୍ଟର ଗୁଡିକରେ ଠିକ ସମୟରେ ଉପସ୍ଥିତ ରହିବାକୁ କୁହାଯାଇଛି।ଏଥିରେ ଖିଲାପ କରାଗଲେ ସଂପୃକ୍ତ ପୋଲିଂ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବିଭାଗୀୟ ପୋସେଡିଂ କରାଯିବ।

# ପ୍ରଚାର ମଙ୍ଗ ଧରିଲେ ଏନ୍‌ଏସି ଉପାଧ୍ୟକ୍ଷ

ଛତ୍ରପୁର,୧୦।୫ (ଦିଲୀପ ସାମଲ

ଛତ୍ରପୁର ଏନ୍‌ଏସି ୧୪ନଂ. ୱାର୍ଡରେ ବିଜେଡିର ପ୍ରଚାର ଜୋରଦାର ଚାଲିଛି। ଏନ୍‌ଏସି ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ନେତୃତ୍ୱରେ ଦଳର ଛାମୁଆ ନେତା ଓ କର୍ମୀ ମାନେ ପୂର୍ଜାର୍ଚ୍ଚନା କରି ଘରକୁ ଘର ବୁଲି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ଓ ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ରଙ୍କ ନିମନ୍ତେ ଭୋଟ ଭିକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ଜନମଙ୍ଗଳ କାର୍ଯ୍ୟ ସମ୍ପର୍କରେ କହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଲୋକଙ୍କୁ ନିବେଦନ କରିଛନ୍ତି। ପ୍ରଚାରରେ କାଉନସିଲର ଦେବାଶିଷ ମିଶ୍ର, ପ୍ରୀତି ଛନ୍ଦା ସାମଲ, ବି. ନିଶ୍ଚଳା ସ୍ୱାମୀଙ୍କ ସମେତ ବହୁ ମହିଳା ଓ ପୁରୁଷ ସାମିଲ ଥିଲେ।

## ସଂକ୍ଷେପରେ

### ଆକ୍ରମଣ ଘଟଣାରେ ୨ ଗିରଫ

ବ୍ରହ୍ମପୁର,୧୦।୫(ସୁବାସ ଚନ୍ଦ୍ର ପାଢ଼ୀ): ଗୋଷାଣିନୁଆଗାଁ ପୋଲିସ ଶୁକ୍ରବାର ଆକ୍ରମଣ ଘଟଣାରେ ଉଭୟ ପକ୍ଷର ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଫୁଲଟା ଗ୍ରାମର ପ୍ରଶାନ୍ତ କୁମାର ନାହାକ ଓ ଅନ୍ୟପକ୍ଷର ଲିଙ୍ଗରାଜ ଚର୍ଚି । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୮ତାରିଖ ରାତିରେ ଲିଙ୍ଗରାଜ ହଳଦିଆପଦରରୁ ଘରକୁ ଫେରୁଥିଲେ। ସେଠାରେ ପ୍ରଶାନ୍ତ ଓ ତାଙ୍କର ୨ ସହଯୋଗୀ ତାଙ୍କୁ ଅଟକାଇଥିଲେ। ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପ୍ରଶାନ୍ତ ଏକ ଧାରୁଆ ଅସ୍ତ୍ରରେ ଲିଙ୍ଗରାଜଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହେବାରୁ ପ୍ରଶାନ୍ତ ଓ ତାଙ୍କ ସହଯୋଗୀ ଚମ୍ପଟ ମାରିଥିଲେ। ଏ ନେଇ ଅଭିଯୋଗକ୍ରମେ ପୋଲିସ ୧୨୭/୨୪ରେ ମାମଲା ରୁଜୁ କରିଥିଲା। ସେହିପରି ପ୍ରଶାନ୍ତଙ୍କୁ ମଧ୍ୟ ଲିଙ୍ଗରାଜ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୧୨୮/୨୪ ରେ ମାମଲା ରୁଜୁ କରିଥିଲା।

### ଏମ୍‌କେସିଜି ଭେଷଜ ବିଭାଗ ଗୋଦାମରୁ ଚୋରି

ବ୍ରହ୍ମପୁର,୧୦।୫(ସୁବାସ ଚନ୍ଦ୍ର ପାଢ଼ୀ): ଏମ୍‌କେସିଜି ମେଡିକାଲର ଭେଷଜ ବିଭାଗର ଗୋଦାମରୁ ଚୋରି ହୋଇଛି। ଏ ସଂକ୍ରାନ୍ତରେ ଗୋଦାମ ଦାୟିତ୍ୱରେ ଥିବା ଡ. ଧବଳେଶ୍ୱର ମେହେର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୪୧/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଭେଷଜ ବିଭାଗର ପୁରୁଣା ଗୋଦାମରେ ରୋଗୀଙ୍କ ପାଇଁ ବିଭିନ୍ନ ସାମଗ୍ରୀ ଗଚ୍ଛିତ ରହିଛି। ଶୁକ୍ରବାର ଗୋଦାମ ଖୋଲିଲା ବେଳେ ଗୋଟିଏ ଇନଫ୍ରାରେଡ ଲ୍ୟାମ୍ପ, ୟୁରାଇନ କ୍ୟାବିନେଟ ୨ଟି, ସେଣ୍ଟ୍ରିଫ୍ୟୁଜ ଟ୍ୟୁବ ୯ଟି, ଟୁନିଂ ଫର୍କ ଗୋଟିଏ, ଟୁଙ୍ଗ୍ୟୁ ସ୍ପାଟୁଲା ୬ଟି, ପୋଟେଇନ ଏସପିରେସନ ଆପାରଟସ ୨ଟି, ନ୍ୟୁବାର ଚାମ୍ବର ୩ଟି, ସ୍ଲାଇଡ କ୍ୟାବିନେଟ ଗୋଟିଏ, ସଲିଡ ଟିକ ଚେୟାର ୮ଟି, ରାକ ଗୋଟିଏ, ହେମୋସାଇଟୋମିଟର ୨ଟି, ହ୍ୟାଣ୍ଡ ଡ୍ରାଇଭେନ ସେଣ୍ଟ୍ରିଫ୍ୟୁଜ ମେଶିନ ୨ଟି, ପଲସ ଅକ୍ସିମିଟେର ଗୋଟିଏ, ବ୍ଲଡ ପ୍ରେସର ଆପାରଟସ ଗୋଟିଏ, ସ୍ପାଇରାଲ ମନୋମିଟର ୩ଟି, ଲେଭିନସ ଟ୍ୟୁବ ଆଇଆର ୨୦ଟି, ଗୋଟିଏ ଲେଖାଏ ମିଲେନ ଏବଟସ ଟ୍ୟୁବ, ହାଇଟ ମେଜରମେଣ୍ଟ ଷ୍ଟାଣ୍ଡ, ଗ୍ଲାସ ଫର ଏପିଡାଇଓସ୍କୋପ, ସି-୩୬-ବିମାଇକ୍ରୋସ୍କପ, ସାଙ୍ଗଷ୍ଟେକନ ଟ୍ୟୁବ, ୩ଟି ସୋଡିୟମ କ୍ଲୋରାଇଡ ଓ ୩ଟି ରେକର୍ଡ ସିରି ୫୦ମିଲି ଚୋରି ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ମୁଖ୍ୟଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଉକ୍ତ ମେଡିକାଲରୁ ଅନେକ ଥର ଚୋରି ହୋଇଛି। ଏଥିରେ କିଏ ସମ୍ପୃକ୍ତ ତାକୁ ନେଇ ଖୋଳତାଡ କିରବାକୁ ଦାବି ହୋଇଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବୁଗୁଡା,୧୦।୫(କାଳୀଚରଣ ଦାଶ): ବୁଗୁଡା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୋଲିଆ ଗାଁ ନୂଆଁବନ୍ଧସାହିର ଗଙ୍ଗାଧର ପୋଲେଇ (୨୨)। ଏ ନେଇ ନଂ ୪/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଗୁରୁବାର ମଧ୍ୟରାତିରେ ଗୋଲିଆ ଗାଁ ବଡସାହିସ୍ଥିତ କୋଠ ରୋଷେଇ ଘରେ ଗଙ୍ଗାଧର ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଦେଖାଯାଇଥିଲା। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

# ଗଞ୍ଜାମରେ ରୋଚକ ହୋଇଛି ବାମପନ୍ଥୀ ରାଜନୀତି

## ଇଣ୍ଡିଆ ମେଣ୍ଟରେ ଥାଇ ସିପିଆଇ-କଂଗ୍ରେସ ଲଢ଼େଇ

ବ୍ରହ୍ମପୁର,୧୦।୫(ନରସିଂହ ସାହୁ)

ଗଞ୍ଜାମ ଜିଲାରେ ରୋଚକ ହୋଇଛି ବାମପନ୍ଥୀ ରାଜନୀତି। ଜାତୀୟ ସ୍ତରରେ ବିଭିନ୍ନ ଦଳକୁ ନେଇ ଗଠିତ ଇଣ୍ଡିଆ ମେଣ୍ଟ ଏହି ଜିଲାରେ ଫସର ଫାଟିଛି। ମେଣ୍ଟରେ କଂଗ୍ରେସ ଓ ବାମପନ୍ଥୀ ଦଳ ଥିବା ସତ୍ତ୍ୱେ ଗଞ୍ଜାମର ଛତ୍ରପୁର ଓ କବିସୂର୍ଯ୍ୟନଗର ବିଧାନସଭା କ୍ଷେତ୍ରରେ କଂଗ୍ରେସ ଓ ସିପିଆଇ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହାକୁ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ କୁହାଯାଇଛି। ଅନ୍ୟପକ୍ଷରେ ସିପିଏମର ଆଭିମୁଖ୍ୟ ଭିନ୍ନ ହୋଇଛି। ଯେଉଁଠି ସିପିଆଇ ପ୍ରାର୍ଥୀ ଭାବେ ସେଠାରେ ତାଙ୍କୁ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ପୂର୍ଣ୍ଣ ସମର୍ଥନ ଦେବ। ବାମପନ୍ଥୀ ପ୍ରାର୍ଥୀ ନ ଥିବା ଆସନରେ କଂଗ୍ରେସ ସମର୍ଥନ କରିବ। ଏହା ପାର୍ଟିର ନିଷ୍ପତ୍ତି ବୋଲି ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା ଶୁକ୍ରବାର ସୂଚନା ଦେଇଛନ୍ତି।

ଅତୀତରେ ଗଞ୍ଜାମରେ କମ୍ୟୁନିଷ୍ଟ ପାର୍ଟିର ଦବଦବା ଥିଲା। ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ଲୋକ ସଭା ନିର୍ବାଚନରେ ବ୍ରହ୍ମପୁର (ତତ୍‌କାଳୀନ ଗଞ୍ଜାମ) କ୍ଷେତ୍ରରୁ ବରିଷ୍ଠ କମ୍ୟୁନିଷ୍ଟ ନେତା ବିଜୟ ଚନ୍ଦ୍ର ଦାସ ଏମ୍‌ପି ନିର୍ବାଚିତ ହୋଇଥିଲେ। ୧୯୭୧ ନିର୍ବାଚନରେ ଆସିକା ଲୋକସଭା କ୍ଷେତ୍ରରୁ ସିପିଆଇ ନେତା ଦ୍ୟୁତିକୃଷ୍ଣ ପଣ୍ଡା ନିର୍ବାଚିତ ହୋଇଥିଲେ। ଛତ୍ରପୁର ବିଧାନସଭା କ୍ଷେତ୍ରରୁ ୮ ଥର ଏବଂ କବିସୂର୍ଯ୍ୟନଗର ଆସନରୁ ୫ ଥର ସିପିଆଇ ପ୍ରାର୍ଥୀ ଜିତିଥିବା ତଥ୍ୟ ରହିଛି। ସେହିପରି ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ମଧ୍ୟ ୫ ଥର ସିପିଆଇ ବିଧାୟକ ହୋଇଛନ୍ତି। ଭଞ୍ଜନଗରରୁ ମଧ୍ୟ କମ୍ୟୁନିଷ୍ଟ ନେତା ଗୋବିନ୍ଦ ପ୍ରଧାନ ବିଧାୟକ ହୋଇଥିଲେ।

ଜିଲାରେ ସେତେବେଳର ରାଜନୀତି ବଦଳି ଯାଇଛି। ରାଜ୍ୟରେ ଆଞ୍ଚଳିକ ଦଳ ବିଜେଡି ଗଠନ ପରେ କମ୍ୟୁନିଷ୍ଟ ଘାଟି ଭୁଶୁଡ଼ି ଯାଇଛି। ଗୋବିନ୍ଦ ପ୍ରଧାନଙ୍କ ପରିବାରର ଅନେକ ବିଜେଡିରେ ମିଶିଛନ୍ତି । ହିଞ୍ଜିଳି ଆସନରୁ ୨୦୦୯ ନିର୍ବାଚନ ବେଳେ ପୁରୁଷୋତ୍ତମପୁର ବ୍ଲକ ବାଦ୍ ପଡ଼ି ଶେରଗଡ଼ ବ୍ଲକ ସାମିଲ ହୋଇଥିଲା। ତେଣୁ ବିଜେଡି ସରକାର ପ୍ରଧାନ ପରିବାରର ରେଣୁବାଳା ପ୍ରଧାନଙ୍କୁ ୨୦୦୮ ରୁ ୨୦୧୪ ପର୍ଯ୍ୟନ୍ତ ରାଜ୍ୟସଭାକୁ ପଠାଇଥିଲା। ସେ ଥିଲେ ଜିଲାର ଏକମାତ୍ର ମହିଳା ରାଜ୍ୟସଭା ସଦସ୍ୟା। ସେହିପରି ପୂର୍ବତନ ବିଧାୟକ ତଥା ସିପିଆଇ ରାଜ୍ୟ ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ ମଧ୍ୟ ବିଜେଡିରେ ମିଶିବା ପରେ ସେ ଆସିକା ଲୋକ ସଭା କ୍ଷେତ୍ରରୁ ୨୦୦୯ ନିର୍ବାଚନରେ ଏମ୍‌ପି ହେବାର ସୁଯୋଗ ପାଇଥିଲେ। ତାକରଡ଼ା ପ୍ରଧାନ ପରିବାରର ଦାୟାଦମାନେ ଏବେ ବିଜେଡିରେ ଅଛନ୍ତି।

୨୦୦୦ରୁ ୨୦୧୯ ମଧ୍ୟରେ ହୋଇଛି ୫ ସାଧାରଣ ନିର୍ବାଚନ। ଏହି ସମୟରେ ୨୦୦୪ ନିର୍ବାଚନରେ ଛତ୍ରପୁରରୁ ସିପିଆଇ ପ୍ରାର୍ଥୀ ଏନ. ନାରାୟଣ ରେଡ଼ି ବିଧାୟକ ହୋଇଥିଲେ। ଅନ୍ୟ କେତେକ ଲୋକ ସଭା ଓ ବିଧାନସଭା କ୍ଷେତ୍ରର ସିପିଆଇ ପ୍ରାର୍ଥୀମାନେ ଲଢ଼ିଥିଲେ ମଧ୍ୟ ଜିତିପାରିନାହାନ୍ତି। ତେଣୁ ଗଞ୍ଜାମରେ ସିପିଆଇର ପୂର୍ବ ସଂଗଠନ ମଉଳି ଯାଇଥିବା ଚର୍ଚ୍ଚା ହେଉଛି।

# ଲକ୍ଷ୍ମୀ ନୃସିଂହ ମନ୍ଦିରରେ ଚନ୍ଦନ ମହୋତ୍ସବ

ବ୍ରହ୍ମପୁର,୧୦।୫(ସ୍ମୃତି ରଂଜନ ମହାଲିକ)

ସୁକୁଣ୍ଡା ସ୍ଥିତ ଚନ୍ଦନିଆ ପାହାଡରେ ଚନ୍ଦନିଆ ପାହାଡରେ ବିରାଜିତ ଲକ୍ଷ୍ମୀ ନୃସିଂହ ମହାପ୍ରଭୁଙ୍କ ୨୯୫ ତମ ପବିତ୍ର ଚନ୍ଦନ ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଏହି ମହୋତ୍ସବ ରବିବାର ଯାଏଁ ଚାଲିବ। ପ୍ରଥମ ଦିନରେ ଭୋର ୩ଟା ୧୨ ମିନିଟରେ ଚନ୍ଦନ ଛଡା ଓ ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଭୋର ୪ଟା ୫୭ ମି. ରୁ ୬ଟା ୫ ମି. ଯାଏଁ ମହାପ୍ରଭୁ ନିଜ ବେଶରେ ଦର୍ଶନ ଦେଇଥିଲେ। ଯାହାକୁ ଦର୍ଶନ କରି ଭକ୍ତମାନେ ଆଶିଷ ଲାଭ କରିଥିଲେ। ବିଗତ ଦିନରେ ଘୋରାଯାଇଥିବା ଚନ୍ଦନ ଠାକୁରଙ୍କୁ ଲେପ ଦିଆଯିବା ପରେ ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ଏହାପରେ ବାଳ ଭୋଗ କରାଯାଇ ଅକ୍ଷୟ ଆରତୀ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞାଦୀପ ନିଆଯାଇ ଚବିଶ ପ୍ରହର ନାମଯଜ୍ଞ ପରେ ହୋମ ହୋଇଥିଲା। ମଧ୍ୟାହ୍ନରେ ମହାପ୍ରଭୁଙ୍କ ରାଜଭୋଗ ଏବଂ ଆରତୀ ପରେ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଅନାମୟା କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ କୋଲା ସେବା ପରେ ରାତ୍ରିରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏହି ମହୋତ୍ସବକୁ ମନ୍ଦିର ଟ୍ରଷ୍ଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ଦିନରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।



ଅଳଙ୍କାରରେ ସଜ୍ଜିତ ମହାପ୍ରଭୁ

# ଦର ବୃଦ୍ଧିରୁ ଅକ୍ଷୟ ତୃତୀୟାରେ ସୁନା ବ୍ୟବସାୟ ମାନ୍ଦା



ଗ୍ରାହକ ସୁନା କିଣୁଛନ୍ତି।

## ସନ୍ଧ୍ୟା ସୁଦ୍ଧା ୨୦ କୋଟି ବ୍ୟବସାୟ

ବ୍ରହ୍ମପୁର,୧୦।୫(ସ୍ମୃତି ରଞ୍ଜନ ମହାଲିକ)

ଅକ୍ଷୟ ତୃତୀୟାକୁ ନେଇ ଶୁକ୍ରବାର ସହରର ବିଭିନ୍ନ ସୁନା ଗହଣା ଦୋକାନରେ ଭିଡ ଦେଖିବାକୁ ମିଳିଥିଲା। ଏହି ଦିନ ସୁନା ଓ ମୂଲ୍ୟବାନ ସାମଗ୍ରୀ କିଣିଲେ ସମୃଦ୍ଧି ଆସିଥାଏ ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ରହିଛି। କିନ୍ତୁ ଚଳିତ ବର୍ଷ ସୁନା ଦର ଅଧିକ ରହିଥିବା କାରଣରୁ ଆଶାନୁରୂପ ବ୍ୟବସାୟ ହୋଇପାରି ନାହିଁ। ତେବେ ଅକ୍ଷୟ ତୃତୀୟାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ସହରର ଗହଣା ବ୍ୟବସାୟୀମାନେ ରିହାତି ସାଙ୍ଗକୁ ଓ ଉପହାର ଅଫର ମଧ୍ୟ ରଖିଥିଲେ। ଯାହାକୁ ନେଇ ସକାଳୁ ଆରମ୍ଭ କରି ରାତ୍ରି ପର୍ଯ୍ୟନ୍ତ ସୁନା କିଣିବାକୁ ଲୋକଙ୍କ ଭିଡ ଜମିଥିଲା। ସୂଚନା ଥାଉ କି, ସହରର ସାନ ବଜାର ଓ ବଡ ବଜାର ଭଳି ଅନ୍ୟାନ୍ୟ ସ୍ଥାନରେ ରହିଥିବା ଦୋକାନକୁ ମିଶାଇ ୧୨୦ଟି ଗହଣା ଦୋକାନ ରହିଛି। କିନ୍ତୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ସୁନା ବ୍ୟବସାୟ ରେକର୍ଡ ସଂଖ୍ୟକ ହୋଇପାରି ନାହିଁ। ଯାହାଦ୍ୱାରା ଅକ୍ଷୟ ତୃତୀୟାରେ ସୁନା ବିକ୍ରି କମିଥିବା ବ୍ୟବସାୟୀମାନେ କହିଛନ୍ତି। ବର୍ତ୍ତମାନ ବଜାରରେ ୨୪ କ୍ୟାରେଟ ସୁନା ୭୫ ହଜାର ଟଙ୍କା ରହିଥିବା ବେଳେ ୯୧୬ ସୁନା ୬୮ ହଜାର ଟଙ୍କା ରହିଛି। ସୁନା ମୂଲ୍ୟ ଅଧିକ ଥିବା କାରଣରୁ ଗ୍ରାହକମାନେ ଅକ୍ଷୟ ତୃତୀୟାରେ ସୁନା କିଣିବା ଚାହିଦା କମିଛି। ଆଜି ବ୍ରହ୍ମପୁର ବଜାରରେ ସନ୍ଧ୍ୟା ସୁଦ୍ଧା ୨୦ କୋଟି ଟଙ୍କାର ସୁନା ବ୍ୟବସାୟ ହୋଇଥିବା ବ୍ରହ୍ମପୁର ଜୁଏଲାରୀ ଆସୋସିଏସନ ସଭାପତି ପି ସତ୍ୟ ନାରାୟଣ ସେନାପତି କହିଛନ୍ତି। ଯାହାକି ପୂର୍ବ ବର୍ଷଠାରୁ ଖୁବ କମ ବ୍ୟବସାୟ ହୋଇଥିବା ସେ କହିଛନ୍ତି। ଗତ ବର୍ଷ ୫୦ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ ହୋଇଥିଲା। ଅନ୍ୟପଟେ ଭୀଷଣ ଖରା ଓ ନିର୍ବାଚନ ଦୃଷ୍ଟିରୁ ମଧ୍ୟ ଅକ୍ଷୟ ତୃତୀୟାରେ ଗହଣା ବ୍ୟବସାୟ କମିଥିବା ନେଇ ବହୁ ବ୍ୟବସାୟୀ ମତ ପ୍ରକାଶ କରିଛନ୍ତି।

# କବିସୂର୍ଯ୍ୟଙ୍କ ଶ୍ରାଦ୍ଧ ଦିବସ ପାଳିତ

କବିସୂର୍ଯ୍ୟନଗର,୧୦।୫(କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗରସ୍ଥିତ କବିସୂର୍ଯ୍ୟ ସ୍ମୃତି ସଂସଦ ପକ୍ଷରୁ ସମାଜସେବୀ ତଥା ଉପଦେଷ୍ଟା ଇ. ମାହେଶ୍ୱରୀ ଦୋରାଙ୍କ ସଭାପତିତ୍ୱରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ବିଜେଡି କଳା ଓ ସାଂସ୍କୃତିକ ବିଭାଗ ସଂଯୋଜକ ବ୍ରଜ ସୁନ୍ଦର ମଳିକ, ମୁଖ୍ୟବକ୍ତା ଶରତ ଚନ୍ଦ୍ର ଡାକୁଆ, ପ୍ରତିଷ୍ଠାତା ପ୍ରଫେସର କୈଳାଶ ନାଥ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବଳଦେବଙ୍କ ଚମ୍ପୁ, ଛାନ୍ଦ ଆଦି ଗାନ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିତ୍ୟନନ୍ଦ ପୋଲାଇ, ଦେବରାଜ ସ୍ୱାଇଁ, ବିଜୟ ଚନ୍ଦ୍ର ନାୟକ, ବିଶ୍ୱନାଥ ରାଉତ, ପଦ୍ମଚରଣ ଦାସ, ସନ୍ତୋଷ କୁମାର ସାମଲ, ପଞ୍ଚାନନ ନାୟକ, ଯଦୁକୁଳମଣି ପଟ୍ଟନାୟକ, ନବ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବସଷ୍ଟାଣ୍ଡସ୍ଥିତ କବିସୂର୍ଯ୍ୟ ପ୍ରତିଭା ପରିଷଦ ସଭାପତି ବି. ଚିରଞ୍ଜୀବ ପାତ୍ରଙ୍କ ଦ୍ୱାରା କବିସୂର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ରାମନାଥ ମାଝୀ, ଉପସଭାପତି ସୁବାଷ ଚନ୍ଦ୍ର ତ୍ରିପାଠୀ, କୋଷାଧକ୍ଷ ବିପିନ ବିହାରୀ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

# ମନସ୍ତତ୍ତ୍ୱରେ ଶଶିଭୂଷଣ ରଥ ମହିଳା କଲେଜର ପ୍ରେରଣା ଟପ୍ପର

ବ୍ରହ୍ମପୁର,୧୦।୫(ଅଶୋକ କୁମାର ସାହୁ):

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଯୁକ୍ତ ୩ ସ୍ନାତକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ଛାତ୍ରୀ ପ୍ରେରଣା ମହାରଣା ଟପ୍ପର ହୋଇଛନ୍ତି। ସେ ୧୨୨୫ ମାର୍କ ରଖି ଡିଷ୍ଟିଂସନ ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରେରଣା ଦୈନିକ ୧୫ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ସେ ସିବିଏସଇ ଦଶମ ଓ ସିଏଚଏସଇ ଯୁକ୍ତ ୨ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଥିଲେ। କିଶୋରୀ ଅବସ୍ଥାରୁ ମା'ବାପାଙ୍କୁ ହରାଇଥିବା ପ୍ରେରଣା ଭଉଣୀ ଓ ଭିଣୋଇଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରୁଥିଲେ। ପ୍ରେରଣା କହିଛନ୍ତି, ପରିଶ୍ରମ କଲେ ସଫଳତା ନିଶ୍ଚିତ। କଲେଜର ଅଧାପିକା ଓ ଅଧାପକ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପ୍ରେରଣା ମହାରଣା

# ଖେଳ ବେଳେ ଟଳିପଡିଲେ ଯୁବକ, ଅଂଶୁଘାତ ଆଶଙ୍କା

ବ୍ରହ୍ମପୁର,୧୦।୫(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଖଲ୍ଲିକୋଟ କଲେଜ ଖେଳପଡ଼ିଆରେ ଶୁକ୍ରବାର ଏକ ଅଘଟଣ ଘଟିଛି। ଖେଳୁଥିବାବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଆଙ୍କୁଲି କୁମ୍ଭାରପଲ୍ଲୀର ସୁନୀଲ କୁମାର ନାହାକ(୩୧)। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

ସୁନୀଲ ତାଙ୍କର କେତେଜଣ ସାଙ୍ଗଙ୍କ ସହ ପ୍ରତିଦିନ ଭଳି ଶୁକ୍ରବାର ସକାଳେ ଖଲ୍ଲିକୋଟ କଲେଜ ପଡିଆକୁ କ୍ରିକେଟ ଖେଳିବାକୁ ଆସିଥିଲେ। ସେ ବ୍ୟାଟିଂ କରିବା ମଝିରେ ହଠାତ ସେ ପାଣି ପିଇବାକୁ ମାଗିଥିଲେ। ପାଣି ଅଣାଯିବା ପୂର୍ବରୁ ସେ ଅଚେତ ହୋଇଯାଇଥିଲେ। ଅନ୍ୟ ଖେଳାଳିମାନେ ତାଙ୍କୁ ପ୍ରଥମେ ସିଟି ହସ୍ପିଟାଲ ଓ ପରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସୁନୀଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଏ ନେଇ ଥାନାରେ ନଂ.୮/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ପଦବୀରୁ ଇସ୍ତଫା ଦେଲେ ପିସିସି ସଭ୍ୟ ଦେବୀ ବିଷୋୟୀ

ଭଞ୍ଜନଗର,୧୦।୫(ବାବୁଲା ପ୍ରଧାନ)

ଭଞ୍ଜନଗର ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ଧକ୍କା ଲାଗିଛି । ପିସିସି ସଭ୍ୟ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଦେବୀ ବିଷୋୟୀ ଶୁକ୍ରବାର ବିଭିନ୍ନ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ଓ ତାଙ୍କ ସମର୍ଥକମାନେ ନିର୍ବାଚନରେ ସମସ୍ତ ଦଳୀୟ ପ୍ରଚାର କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ସାଧାରଣ କର୍ମୀ ଭାବେ ରହିବୁ। ନିର୍ବାଚନ ସରିବା ପରେ ରାହୁଲ ଗାନ୍ଧୀଙ୍କୁ ଭେଟି ପିସିସି ସଭାପତିଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ କରିବୁ। ଏହାପରେ ପରବର୍ତ୍ତୀ ପଦକ୍ଷେପ ନେବୁ। ରାଜ୍ୟରେ ପିସିସି ସଭାପତିଙ୍କ ଭୁଲ ରଣନୀତି ଏବଂ ବିରୋଧୀ ଦଳର ନେତାଙ୍କ ସହ ଭିତିରି ମେଣ୍ଟ ଯୋଗୁ ଅନେକ ସ୍ଥାନରେ ଦୁର୍ବଳ ପ୍ରାର୍ଥୀ ଦିଆଯାଇଛି । ତେଣୁ ରାଜ୍ୟରେ କଂଗ୍ରେସ ଦୁର୍ବଳ ହୋଇଯାଉଛି ବୋଲି ଦେବୀ ସ୍ଥାନୀୟ ଏକ ଲଜ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି । ସୂଚନାଯୋଗ୍ୟ, ପ୍ରାର୍ଥିତ୍ୱ ଚୟନକୁ ନେଇ ଦେବୀ ଏବଂ ତାଙ୍କ ସମର୍ଥକମାନେ ଅସନ୍ତୁଷ୍ଟ ଥିଲେ। ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ ଜିଲା ସମ୍ପାଦକ ଜବହାରଲାଲ ସାହୁ, ଜଗନ୍ନାଥପ୍ରସାଦ ବ୍ଲକ କଂଗ୍ରେସ ସଭାପତି ମଣି ଦିକ୍ଷୀତ, ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସନ୍ତୋଷ ପ୍ରଧାନ, ଜୋନ ସଭାପତି ସୀମାଞ୍ଚଳ ବିଷୋୟୀ, କଂଗ୍ରେସ ନେତା ଭାସ୍କର ଗୌଡ଼, ସଚ୍ଚିଦାନନ୍ଦ ପ୍ରଧାନ, ମଣି ପ୍ରଧାନ, ଅଶ୍ୱିନୀ ଭୂୟାଁ, ବିକ୍ରମ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତା ।

# ଜିଲାସ୍ତରୀୟ ଅକ୍ଷୟତୃତୀୟା ପାଳିତ




କାର୍ଯ୍ୟକ୍ରମରେ ଉପସ୍ଥିତ କୃଷି ବିଭାଗର ଅଧିକାରୀ ଓ ଅନ୍ୟମାନେ।

ବ୍ରହ୍ମପୁର,୧୦।୫(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ସ୍ତରୀୟ ଅକ୍ଷୟ ତୃତୀୟା ଦିବସ ଶୁକ୍ରବାର ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ ସୁଜିତ କୁମାର ନାଥ କାର୍ଯ୍ୟକ୍ରମରେ ଅଖିମୁଠି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାର କୃଷି, ପଶୁ ପାଳନ, ମତ୍ସ୍ୟ, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗର କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଜିଲାର କୃଷି କାର୍ଯ୍ୟକୁ ରୋଜଗାର ଆଭିମୁଖ୍ୟ କରିବା ପାଇଁ ଉକ୍ତ ଦିବସର ତାତ୍ପର୍ଯ୍ୟ ସଂପର୍କରେ କୃଷି ଅଧିକାରୀ କହିଥିଲେ। ଜିଲା ଉଦ୍ୟାନ କୃଷି ଅଧିକାରୀ ଡ କନ୍ଦ ଜେନା ସରକାରୀ ଯୋଜନାରେ ଫଳ ଗଛ ରୋପଣ ପାଇଁ ବର୍ତ୍ତମାନ ସମୟର ସୁବିନିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଜଳ ଛାୟା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ଦାସ କମ ବୃଷ୍ଟି ଅଂଚଳ ପାଇଁ ସରକାର ଆରମ୍ଭ କରିଥିବା ଯୋଜନାକୁ କାର୍ଯ୍ୟକାରୀ କରିବାକୁ କ୍ଷେତ୍ର କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ ଅରବିନ୍ଦ ବେହେରା ପଶୁପାଳନକୁ ଫସଲ ଚାଷ ସହ ମିଶାଇଲେ କୃଷି ପରିବାରର ଉନ୍ନତ ସମ୍ଭବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ କହିଥିଲେ। କୃଷି ଜିଲା ଅଧିକାରୀ ସୁରେଶ ଚନ୍ଦ୍ର ମଲିକ ଅକ୍ଷୟ ତୃତୀୟା ଦିବସର କୃଷି ସହ ସଂଯୋଗକୁ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଥ ଓ କୃଷି ବୈଜ୍ଞାନିକ ସନ୍ଦିପ ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ।

# ଯୁକ୍ତ ୩ ସ୍ନାତକ ପରୀକ୍ଷାରେ ମହାମାୟୀ କଲେଜ ଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର,୧୦।୫(ଅଶୋକ କୁମାର ସାହୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇଛି। ମହାମାୟୀ ମହିଳା କଲେଜର ୬ ଛାତ୍ରୀ ର୍‍ୟାଙ୍କ ପାଇଛନ୍ତି। ବିଜ୍ଞାନ ବିଭାଗର ଉଦ୍ଭିଦ ବିଜ୍ଞାନରେ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ତୃତୀୟ, ଅର୍ପିତା ମହାରଣା ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। କଳା ବିଭାଗରେ ଗୃହ ବିଜ୍ଞାନ ଛାତ୍ରୀ ଜ୍ୟୋତି ପାତ୍ର ଦ୍ୱିତୀୟ, ସଙ୍ଗୀତା ଠାକୁର ଚତୁର୍ଥ, ସ୍ମିତାରାଣୀ ଭୂୟାଁ ଅଷ୍ଟମ ସ୍ଥାନ ପାଇଛନ୍ତି। ସେହିପରି ଶିକ୍ଷା ବିଭାଗର ଛାତ୍ରୀ ରଚନା ବାଡତ୍ୟା ଅଷ୍ଟମ ସ୍ଥାନ ଅଧିକାରୀ କରିଛନ୍ତି। ସଫଳତା ପାଇଥିବା ଛାତ୍ରୀମାନଙ୍କୁ କଲେଜ ଅଧକ୍ଷା କବିତା ଶତପଥୀ, କଲେଜ ପ୍ରଶାସନିକ ଅଧିକାରିଣୀ ତଥା ଗୃହ ବିଜ୍ଞାନ ମୁଖ୍ୟ ଡ. ଜୟନ୍ତୀ ରାଣୀ ପଣ୍ଡା, ଶିକ୍ଷା ବିଭାଗ ମୁଖ୍ୟ ଅଧାପିକା ଡ. ମମତା ରାଣୀ ପଣ୍ଡା, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡ. ରାଜଲକ୍ଷ୍ମୀ ଦାସ, ଅଧାପିକା ଡ. ଅମିତା କୁମାରୀ ପଣ୍ଡା, ଅଧାପିକା ଡ. ସ୍ୱର୍ଣ୍ଣଲତା ପଟ୍ଟନାୟକ, ସବିତା ବାରିକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଖରାଦାଉରୁ ରକ୍ଷା ପାଇଁ ଟ୍ରାଫିକ ପୋଷ୍ଟରେ ଶେଡ୍



ଟ୍ରାଫିକ ସିଗନାଲ ନିକଟରେ ଆଚ୍ଛାଦିତ ସବୁଜ ଶେଡ୍।

ବ୍ରହ୍ମପୁର,୧୦।୫(ସ୍ମୃତି ରଞ୍ଜନ ମହାଲିକ) ଗତ କିଛି ଦିନ ଧରି ଝିପ ଝିପ ବର୍ଷା କାରଣରୁ ମହାନଗରରେ ସନ୍ଧ୍ୟାର ତାପମାତ୍ରାରେ ପରିବର୍ତ୍ତନ ଘଟୁଛି। ଫଳରେ ରାତ୍ରିରେ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳୁଛି। କିନ୍ତୁ ପୂର୍ବାହ୍ନରେ ଟାଇଁ ଟାଇଁ ଖରା ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ସକାଳ ୯ଟାପରେ ଖରାର ପ୍ରକୋପ ବୃଦ୍ଧି ପାଇବା ସାଙ୍ଗକୁ ତାପମାତ୍ରା ୩୮ ଡିଗ୍ରୀ ରହୁଛି। ଅପରାହ୍ନରେ ଝାଞ୍ଜି ପବନ ବୋହୁଛି। ତାତି କାରଣରୁ କୌଣସି ଜରୁରୀ କାର୍ଯ୍ୟ ବାହାରକୁ ଯିବା ସମ୍ଭବପର ହୋଇପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ସହରର ବିଭିନ୍ନ ୱାର୍ଡରେ ଜଳ ଛତ୍ର ଖୋଲିଛି। ଯାହାଦ୍ୱାରା ପଥଚାରୀଠାରୁ ଆରମ୍ଭ କରି ସାଧାରଣ ଲୋକ ଉପକୃତ ହୋଇପାରୁଛନ୍ତି। ତେବେ ପ୍ରଚଣ୍ଡ ଖରାରେ ଟ୍ରାଫିକ ପୋଷ୍ଟ ନିକଟରେ ଖୋଲା ଆକାଶ ତଳେ ସିଗନାଲକୁ ଅପେକ୍ଷା କରି ରହିବା ଗାଡି ଚାଳକ ପାଇଁ କଷ୍ଟ ସାଧ ପାଲଟିଥିଲା। ଫଳରେ ଟ୍ରାଫିକ ପୋଷ୍ଟ ନିକଟରେ ରହିଥିବା ଗଛ ତଳେ ଗାଡି ଚାଳକମାନେ ସିଗନାଲକୁ ଅପେକ୍ଷା କରି ରହୁଥିଲେ। ଖରା କାରଣରୁ ଟ୍ରାଫିକ ପୋଲିସ ହଇରାଣ ସାଙ୍ଗକୁ ଚାଳକ ମଧ୍ୟ ଭୀଷଣ ଗରମ ସହ୍ୟ କରିପାରୁ ନ ଥିଲେ। ଏଭଳି ସ୍ଥିତିରେ ବର୍ତ୍ତମାନ ବିଏମସି ସହରର ରହିଥିବା ଟ୍ରାଫିକ ପୋଷ୍ଟ ନିକଟରେ ଗ୍ରୀନ୍ ଶେଡ୍ ଆଚ୍ଛାଦିତ କରାଯାଇଛି। କୋର୍ଟପେଟା ଛକ, କମାପଲୀ ଛକ, ଟାଉନ ହଲ ରୋଡ ଭଳି ସହରରେ ରହିଥିବା ୮ଟି ଟ୍ରାଫିକ ପୋଷ୍ଟ ନିକଟରେ ଗ୍ରୀନ୍ ଶେଡ୍ ଆଚ୍ଛାଦିତ ହୋଇ ରହିଥିବା ଦେଖିବାକୁ ମିଳିଛି। ଖରା ଦାଉରୁ ରକ୍ଷା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବିଏମସିର ଜଣେ ଅଧିକାରୀ କହିଛନ୍ତି। ଏହାଦ୍ୱାରା ବର୍ତ୍ତମାନ ଟ୍ରାଫିକ ପୋଷ୍ଟ ନିକଟରେ ଚାଳକମାନେ ଛାଇରେ ରହିପାରୁଛନ୍ତି। ବିଏମସିର ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

